ଧରିତ୍ରୀ Sunday 23rd February 2014

# 55ତମ ନ୍ୟାଶନାଲ କଷ୍ଟ୍ କନ୍‌କ୍ଲେଭ ଆଜିଠୁ

ଭୁବନେଶ୍ୱର,22-2(ବ୍ୟୁରୋ)-ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ)ର 55ତମ ସର୍ବ ଭାରତୀୟ ସମ୍ମିଳନୀ ଭୁବନେଶ୍ୱର ଠାରେ ରବିବାର ଉଦ୍‌ଘାଟିତ ହେବ । 23 ଓ 24 ତାରିଖ ଦୁଇଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀର ନାମ ନ୍ୟାଶନାଲ କଷ୍ଟ୍ କନ୍‌କ୍ଲେଭ- 2014 ରଖାଯାଇଛି । ଏଥିରେ ଓଡ଼ିଶା ତଥା ଦେଶର ବିଭିନ୍ନ ଭାଗରୁ 1000ରୁ ଊର୍ଦ୍ଧ୍ୱ କଷ୍ଟ୍ ଆକାଉଣ୍ଟାଣ୍ଟ ଯୋଗଦେବେ। ପୂର୍ବାହ୍ନରେ ଉକ୍ତ ସମ୍ମିଳନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିବେ । ଏଥିରେ ପଦ୍ମଭୂଷଣ ଡ. ଏମ୍. ଆତ୍ରେୟ, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବି. ସି. ତ୍ରିପାଠୀ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଆର. କେ. ଜୈନ, ହେଭି ଇଲେକ୍ଟ୍ରିକ କର୍ପୋରେଶନ, ରାଞ୍ଚିର ସିଏମ୍‌ଡି ରମାବଲ୍ଲଭ ମିଶ୍ର, ଆରଆଇଏନଏଲର ସିଏମ୍‌ଡି ପି. ମଧୁସୂଦନ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସର ସିଏମ୍‌ଡି ଜି. ଶ୍ରୀନିବାସନ୍ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଇସିଏଆଇର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଟକ ଭୁବନେଶ୍ୱର ଚାପ୍ଟରର ଚେୟାରମ୍ୟାନ କଷ୍ଟ ଆକାଉଣ୍ଟାଣ୍ଟ ବସନ୍ତ କୁମାର ପଟ୍ଟନାୟକ, ଏମ. ଗୋପାଲକ୍ରିଷ୍ଣନ୍, ଡ. ଏସ. କେ. ଗୁପ୍ତା, ହେମନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୁରେଶ ଚନ୍ଦ୍ର ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ, ଏସ. କେ. ଗୁପ୍ତା ପ୍ରମୁଖ ଉପସ୍ଥିତ ।